# NATIONAL NEWS BULLETIN (ODIA)
## 22nd May - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ସତ୍ୟବ୍ରତ ବେହୁରା**

## <u>ମୁଖ୍ୟ ସମ୍ବାଦ</u>

- ସାରାଦେଶରେ ଆଜି ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ୧୦୩ଟି ଅମୃତ ଷ୍ଟେସନ୍‌ର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ସର୍ବସମ୍ମୁଖକୁ ଆଣିବାପାଇଁ ୯ଟି ରାଷ୍ଟ୍ର ଅଭିମୁଖେ ଯାତ୍ରା ଆରମ୍ଭ କଲେ ସର୍ବଦଳୀୟ ପ୍ରତିନିଧି ଦଳ ।

- ରାଜସ୍ଥାନ ବିକାନେର୍‌ରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇ.ପି.ଏଲ୍. ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ଅଣଷଠି ରନ୍‌ରେ ପରାସ୍ତ କରିଛି ମୁମ୍ବାଇ ଇଣ୍ଡିଆନ୍ସ ।

# ପି.ଏମ୍. - ଅମୃତ ଷ୍ଟେସନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସାରା ଦେଶରେ ୧୦୩ଟି ଅମୃତ ଷ୍ଟେସନର ଉଦ୍‌ଘାଟନ କରିବେ । ସେଥିମଧ୍ୟରୁ ୧୯ଟି ଷ୍ଟେସନ୍ ଉତ୍ତର ପ୍ରଦେଶରେ ରହିଛି । ଯାତ୍ରୀମାନଙ୍କୁ ସୁଖଦ ଯାତ୍ରା ଅନୁଭୂତି ଦେବାଲାଗି ନୂତନଭାବେ ନିର୍ମିତ ଓ ବିକଶିତ ଅମୃତ ଷ୍ଟେସନ୍‌ଗୁଡ଼ିକରେ ସ୍ୱତନ୍ତ୍ର ସୁବିଧା କରାଯାଇଛି ।

ଉତ୍ତର ପ୍ରଦେଶର ବିଜ୍‌ନର୍, ସାହାରନ୍‌ପୁର ଜଙ୍କ୍‌ସନ୍, ଗୋବର୍ଦ୍ଧନ, ଫତେହାବାଦ, ଗୋବିନ୍ଦପୁରୀ, ଇଜ୍ଜତ ନଗର, ବରେଲି ସିଟି ଏବଂ ବଲରାମପୁର ଷ୍ଟେସନ୍‌ଗୁଡ଼ିକୁ ଅମୃତ ଭାରତ ଯୋଜନାରେ ବିକଶିତ କରାଯାଇଛି । ଏଥିରେ ଯାତ୍ରୀମାନେ ଯେଭଳି ଅଧିକ ସୁବିଧା ସୁଯୋଗ ପାଇବେ, ସେନେଇ ବ୍ୟବସ୍ଥା କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ବିଜ୍‌ନର୍ ରେଳ ଷ୍ଟେସନ୍‌ରେ ଶୀତାତପ ନିୟନ୍ତ୍ରିତ ପ୍ରତୀକ୍ଷା କୋଠରୀ ନିର୍ମାଣ କରାଯାଇଥିବାବେଳେ ସ୍ୱତନ୍ତ୍ର ପାର୍କିଂ ଏରିଆ, ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ସହ ଅଗ୍ନି ନିର୍ବାପକ ବ୍ୟବସ୍ଥା ମଧ୍ୟ କରାଯାଇଛି । ବିଶେଷଭାବେ ଦିବ୍ୟାଙ୍ଗମାନଙ୍କପାଇଁ ର୍ୟାମ୍ପ୍ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି । ଆଧୁନିକ ନିର୍ମାଣ କୌଶଳରେ ସ୍ଥାନୀୟ ଅଞ୍ଚଳର ସଂସ୍କୃତିକୁ ଆଜି ଉଦ୍‌ଘାଟିତ ହେବାକୁ ଥିବା ଅମୃତ ଷ୍ଟେସନ୍‌ଗୁଡ଼ିକରେ ସ୍ଥାନିତ କରାଯାଇଛି ।

# ଅଲ୍ ପାର୍ଟି ଡେଲିଗେସନ ଭିଜିଟ୍

ଭାରତର ଅପରେସନ୍ ସିନ୍ଦୂର ଉପରେ କୂଟନୈତିକ ପ୍ରଚାର ଓ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ସର୍ବସମ୍ମୁଖକୁ ଆଣିବା ପାଇଁ ଦୁଇଟି ସର୍ବଦଳୀୟ ପ୍ରତିନିଧି ଦଳ ଗତକାଲିଠାରୁ ୯ଟି ରାଷ୍ଟ୍ର ଅଭିମୁଖେ ଯାତ୍ରା କରିଛନ୍ତି। ଜେଡିୟୁ ସାଂସଦ ସଞ୍ଜୟ କୁମାର ଝା'ଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ପ୍ରତିନିଧି ଦଳ ଇଣ୍ଡୋନେସିଆ, ମାଲେସିଆ, ଦକ୍ଷିଣ କୋରିଆ, ଜାପାନ ଓ ସିଙ୍ଗାପୁର ଗସ୍ତ କରିଛନ୍ତି। ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱାଧୀନ ଅନ୍ୟ ଏକ ସର୍ବଦଳୀୟ ପ୍ରତିନିଧି ଦଳ ସଂଯୁକ୍ତ ଆରବ ଏମିରେଟ୍ସ, ଲାଇବେରିଆ, କଙ୍ଗୋ ଏବଂ ସିଏରା ଲିଓନ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଆତଙ୍କବାଦ କାର୍ଯ୍ୟକଳାପ ବିରୋଧରେ ଦେଶର ଦୃଢ଼ ଆଭିମୁଖ୍ୟକୁ ବିଶ୍ୱ ନେତୃବୃନ୍ଦଙ୍କୁ ଅବଗତ କରାଇବା ହେଉଛି ଏହି ପ୍ରତିନିଧି ଦଳ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ଗସ୍ତ ପୂର୍ବରୁ ସାଂସଦ ସଞ୍ଜୟ ଝା କହିଛନ୍ତି, ଆତଙ୍କବାଦ ହେଉଛି ପାକିସ୍ତାନର ଜାତୀୟ ନୀତି । ତେଣୁ ଇସ୍ଲାମାବାଦ କିଭଳି ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛି, ସେ ସମ୍ପର୍କରେ ପ୍ରତିନିଧି ଦଳ ବିଶ୍ୱକୁ ଅବଗତ କରାଇବ ।

***Voice (Sanjay Jha)*** :........

ସୂଚନାଯୋଗ୍ୟ, ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ବିରୁଦ୍ଧରେ ଭାରତ ବିଶ୍ୱ ସମୁଦାୟକୁ ଅବଗତ କରାଇବା ଲାଗି ଏହି ଅଭିଯାନ ଜାରି

ରଖିଛି। ଏଥିପାଇଁ ୭ଟି ବହୁ ଦଳୀୟ ପ୍ରତିନିଧି ଦଳ ଗଠନ କରାଯାଇଛି। ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ବିରୋଧରେ ଦୃଢ଼ ଆଭିମୁଖ୍ୟ ପୋଷଣ କରିବା ସହ ଶୂନ୍ୟ ସହନଶୀଳତାର ବାର୍ତ୍ତା ଦେବା ପାଇଁ ଏହି ସବୁ ପ୍ରତିନିଧି ମଣ୍ଡଳୀ ଆସନ୍ତା ମାସ ୫ ତାରିଖ ସୁଦ୍ଧା ମୋଟ୍ ୩୨ଟି ଦେଶ ଗସ୍ତ କରିବେ।

ଆମ ସମ୍ବାଦଦାତା ଜଣାଇଛନ୍ତି, ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜି ପ୍ରତିନିଧି ଦଳଗୁଡ଼ିକୁ ବିସ୍ତୃତ ଭାବେ ଗସ୍ତର ଉଦ୍ଦେଶ୍ୟ ନେଇ ସୂଚନା ପ୍ରଦାନ କରିବେ । ବି.ଜେ.ପି. ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରତିନିଧି ଦଳ ସାଉଦି ଆରବ, ବାହାରିନ୍, କୁଏତ୍ ଏବଂ ଆଲ୍‌ଜେରିଆ ଗସ୍ତ କରିବେ । ଏହି ପ୍ରତିନିଧି ଦଳରେ ବରିଷ୍ଠ ନେତା ଗୁଲାମ ନବୀ ଆଜାଦ୍, ବି.ଜେ.ପି. ସାସଂଦ, ନିଶୀକାନ୍ତ ଦୁବେ ଏବଂ ଏ.ଆଇ.ଏମ୍.ଆଇ.ଏମ୍. ସାଂସଦ ଅଶାଉଦ୍ଦିନ୍ ଓବେଶି ସାମିଲ୍ ଅଛନ୍ତି । ବି.ଜେ.ପି. ସାସଂଦ ରବିଶଙ୍କର ପ୍ରସାଦଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳ ଲଣ୍ଡନ, ଫ୍ରାନ୍‌ସ, ଜର୍ମାନୀ, ୟୁରୋପୀୟ ସଂଘ, ଇଟାଲୀ ଏବଂ ଡେନ୍‌ମାର୍କ ଗସ୍ତ କରିବେ । ଏହି ଦଳରେ କଂଗ୍ରେସ ସାଂସଦ ଡକ୍ଟର ଅମର ସିଂହ, ଶିବସେନା ୟୁ.ବି.ଟି. ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବର ରହିଛନ୍ତି । ସେହିପରି କଂଗ୍ରେସ ସାଂସଦ ଶଶୀ ଥରୁର୍‌ଙ୍କ ନେତୃତ୍ୱରେ ଗଠିତ ପ୍ରତିନିଧି ଦଳ ଆମେରିକା, ପାନାମା, ଗୁଏନା, ବ୍ରାଜିଲ୍ ଏବଂ କଲମ୍ବିଆ ଗସ୍ତ କରିବେ । ଡି.ଏମ୍.କେ. ସାଂସଦ କାନିମୋଝି କରୁଣାନିଧିଙ୍କ ନେତୃତ୍ୱରେ ଆଉ ଏକ ପ୍ରତିନିଧି ଦଳ ସ୍ପେନ୍, ଗ୍ରୀସ୍, ସ୍ଲୋଭେନିଆ, ଲାଟ୍‌ଭିଆ ଏବଂ ରୁଷ୍

ଗସ୍ତ କରିବେ । ଏହି ଦଳରେ ନ୍ୟାସନାଲ୍ କନ୍‌ଫରେନ୍ସର ସାଂସଦ ମିଲନ୍ ଅଲ୍‌ତାବ ଅହମ୍ମଦ, ସମାଜାବାଦୀ ପାର୍ଟିର ସାଂସଦ ରାଜୀବ ରାୟ ଏବଂ ଆର୍.ଜେ.ଡି. ସାଂସଦ ପ୍ରେମ୍‌ଚାନ୍ଦ ଗୁପ୍ତା ସାମିଲ୍ ଅଛନ୍ତି ।

ସପ୍ତମ ପ୍ରତିନିଧି ଦଳରେ ଏନ୍.ସି.ପି. ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱାଧୀନ ଦଳ ଇଜିପ୍‌ଟ, କତାର, ଇଥିଓପିଆ ଏବଂ ଦକ୍ଷିଣ ଆଫ୍ରିକା ଗସ୍ତ କରିବେ । ଏହି ପ୍ରତିନିଧି ଦଳରେ ବି.ଜେ.ପି. ସାଂସଦ ରାଜୀବ ପ୍ରତାପ ରୁଡ଼ି, ଅନୁରାଗ ସିଂହ ଠାକୁର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭି. ମୁରଲୀଧରନ୍ ଏବଂ କଂଗ୍ରେସ ସାଂସଦ ମନୀଷ ତିୱାରୀ ପ୍ରମୁଖ ସାମିଲ୍ ଅଛନ୍ତି ।

## ପି.ଏମ୍. ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନର ବିକାନେର୍‌ରେ ୨୬ ହଜାର କୋଟିରୁ ଅଧିକ ଟଙ୍କା ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ପ୍ରକଳ୍ପଗୁଡ଼ିକ’ ରେଳପଥ, ସଡ଼କପଥ, ଶକ୍ତି, ଜଳ, ନୂତନ ଓ ଅକ୍ଷୟ ଶକ୍ତି କ୍ଷେତ୍ରକୁ ସଶକ୍ତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଚୁରୁ-ସାଦୁଲ୍‌ପୁର ରେଳଲାଇନ୍ ଲାଗି ଶିଳାନ୍ୟାସ କରିବା ସହିତ ସୁରତଗଡ଼-ଫାଲୋଡ଼ି, ଫୁଲେରା-ଦିଗାନା,

ଉଦୟପୁର-ହିମ୍ମତନଗର, ଫାଲୋଡ଼ି-ଜୈସାଲ୍‌ମେର୍ ଏବଂ ସାମ୍‌ଦାରି-ବାର୍‌ମର୍ ରେଳଲାଇନ୍ ବିଦ୍ୟୁତ୍‌କରଣ ପ୍ରକଳ୍ପକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ।

ସେହିଭଳି ସଡ଼କପଥର ଭିତ୍ତିଭୂମିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଶ୍ରୀ ମୋଦୀ ୪ ହଜାର ୮୫୦ କୋଟି ବ୍ୟୟ ଅଟକଳରେ ନିର୍ମିତ ୭ଟି ସଡ଼କପଥ ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ରାଜପଥ ଭାରତ-ପାକିସ୍ତାନ ସୀମାକୁ ସମ୍ପ୍ରସାରିତ ହୋଇଥିବା ଦୃଷ୍ଟିରୁ ଦେଶର ପ୍ରତିରକ୍ଷା ଭିତ୍ତିଭୂମି ଏହାଦ୍ୱାରା ସଶକ୍ତ ହୋଇପାରିବ । ଫଳରେ ସୁରକ୍ଷା କର୍ମୀଙ୍କୁ ସମ୍ପୃକ୍ତ ସୀମା ପର୍ଯ୍ୟନ୍ତ ଯିବାରେ ସୁବିଧା ହେବ ବୋଲି ଜଣାପଡ଼ିଛି । ଅକ୍ଷୟ ଶକ୍ତି କ୍ଷେତ୍ରକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ବିକାନେର୍ ଓ ନାଓ୍ୱା ଠାରେ ସୌର ପ୍ରକଳ୍ପ ଲାଗି ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶ ଏବଂ ବିଦେଶରେ ଥିବା ଭାରତୀୟଙ୍କ ସହ ଭାବବିନିମୟ କରିବେ। ଏହା ହେବ ‘ମନ୍ କି ବାତ୍’ କାର୍ଯ୍ୟକ୍ରମର ୧୨୨ତମ ସଂସ୍କରଣ। ଇଚ୍ଛୁକ ବ୍ୟକ୍ତିମାନେ ଟୋଲ୍ ଫ୍ରି ନମ୍ବର- ୧୮୦୦-

୧୧-୭୮୦୦ ମାଧ୍ୟମରେ ସେମାନଙ୍କର ମତାମତ ଏବଂ ପରାମର୍ଶ ପଠାଇପାରିବେ। ନରେନ୍ଦ୍ର ମୋଦୀ ଆପ୍ କିମ୍ବା mygov ଓପନ୍ ଫୋରମ୍ ମାଧ୍ୟମରେ ମଧ୍ୟ ଅନଲାଇନ୍‌ରେ ମତାମତ ଉପସ୍ଥାପନ କରାଯାଇପାରିବ । ଏଥିପାଇଁ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଛି ।

## ସ୍ପେଶାଲ ଫିଚର - ପରମବୀର ଚକ୍ର

ଆତଙ୍କବାଦ ବିରୁଦ୍ଧରେ ଅପରେସନ ସିନ୍ଦୂରର ସଫଳତା ପରେ ସାରା ଦେଶ ଭାରତୀୟ ସେନାର ବୀରତ୍ୱ ଏବଂ ସାହସ ପ୍ରତି ସମ୍ମାନ ପ୍ରଦର୍ଶନ କରୁଛି । ସଶସ୍ତ୍ର ବାହିନୀ ପ୍ରତି ସମ୍ମାନ ସ୍ୱରୂପ ଆକାଶବାଣୀ ସମାଚାର ପକ୍ଷରୁ ଏକ ବିଶେଷ ଫିଚର ଉପସ୍ଥାପନା କରାଯାଉଛି । ଏହି କ୍ରମରେ ଆଜି ପରମବୀର ଚକ୍ର ବିଜେତା  ସେକେଣ୍ଡ ଲେଫ୍‌ଟନାଣ୍ଟ ଅରୁଣ କ୍ଷେତ୍ରପାଳଙ୍କ ବିଷୟରେ ଆସନ୍ତୁ ଜାଣିବା । ୧୯୭୧ ଭାରତ-ପାକ୍ ଯୁଦ୍ଧରେ ଅରୁଣ କ୍ଷେତ୍ରପାଳ ଅଦମ୍ୟ ସାହସ ପ୍ରଦର୍ଶନ କରି ଦେଶପାଇଁ ପ୍ରାଣବଳି ଦେଇଥିଲେ ।

୧୯୫୦ ମସିହାରେ ମହାରାଷ୍ଟ୍ରର ପୁଣେରେ ଜନ୍ମଗ୍ରହଣ କରିଥିବା ସେକେଣ୍ଡ ଲେଫ୍‌ଟନାଣ୍ଟ ଅରୁଣ କ୍ଷେତ୍ରପାଳ ୧୯୭୧ ଜୁନ୍ ମାସରେ ପୁନା ହର୍ସ ରେଜିମେଣ୍ଟରେ ଯୋଗ ଦେଇଥିଲେ । ମାତ୍ର ୨୧ ବର୍ଷ ବୟସରେ ଭାରତ-ପାକ୍ ଯୁଦ୍ଧରେ ସେ ଅତୁଳନୀୟ ପ୍ରଦର୍ଶନ କରିଥିଲେ । ୧୯୭୧

ମସିହା ଡିସେମ୍ବେର ୧୬ ତାରିଖରେ ଶତ୍ରୁପକ୍ଷର ଆକ୍ରମଣ ଜୋର୍‌ଦାର ହୋଇଥିଲା ଏବଂ ସକରଗଡ଼ ସେକ୍ଟରର ଜରପାଲ୍‌ରେ ଆକ୍ରମଣ କରାଯାଇଥିଲା । ଅରୁଣ କ୍ଷେତ୍ରପାଳ ନିଜ ଦଳ ସହ ନିକଟବର୍ତ୍ତୀ ସ୍ଥାନରେ ମୁତୟନ ହୋଇଥିଲେ । ତାଙ୍କ ପାଖରେ ୨ଟି ଟ୍ୟାଙ୍କ୍ ଥିଲା । ଅନ୍ୟ ଏକ ରେଜିମେଣ୍ଟ୍‌ରୁ ସହାୟତା ଲାଗି ଖବର ଆସିବା ପରେ ଅରୁଣ ତୁରନ୍ତ ଏହାର ଜବାବ ଦେଇଥିଲେ ଏବଂ ଆକ୍ରମଣ ହେଉଥିବା ସ୍ଥାନକୁ ନିଜ ଦଳବଳ ସହ ଯାତ୍ରା ଆରମ୍ଭ କରିଥିଲେ । ନିଜ ଟିମ୍ ସହ ଯାଉଥିବାବେଳେ ସେ ମଧ୍ୟ ଆକ୍ରମଣର ସମ୍ମୁଖୀନ ହୋଇଥିଲେ । ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚିବା ପରେ ସେକେଣ୍ଡ ଲେଫ୍ଟନାଣ୍ଟ ଅରୁଣ କ୍ଷେତ୍ରପାଳ ଏବଂ ତାଙ୍କ ଦଳର ଅନ୍ୟ ସଦସ୍ୟମାନେ ଶତ୍ରୁପକ୍ଷ ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲେ । ଶତ୍ରୁପକ୍ଷର ଅନେକ ସଦସ୍ୟଙ୍କୁ ସେ ଠାବ କରିବାରେ ସକ୍ଷମ ହୋଇଥିଲେ । ଗୁଳିଗୋଳା ବିନିମୟ ସମୟରେ ଅରୁଣଙ୍କ ଦଳର କମାଣ୍ଡରଙ୍କର ମୃତ୍ୟୁ ଘଟିଥିଲା । ସେ ଏକାକୀ ଶତ୍ରୁପକ୍ଷ ଉପରେ ଆକ୍ରମଣ ଜାରି ରଖିଥିଲେ ଏବଂ ଶତ୍ରୁପକ୍ଷକୁ ସାହସର ସହିତ ମୁକାବିଲା କରିବାରେ ସକ୍ଷମ ହୋଇଥିଲେ । ଏଥିରେ ଶତ୍ରୁପକ୍ଷର ୧୦ଟି ଟ୍ୟାଙ୍କ୍‌କୁ ସେ ଧ୍ୱଂସ କରିଦେଇଥିଲେ । ତେବେ ସେ ଯେଉଁ ଟ୍ୟାଙ୍କ୍‌ରେ କାର୍ଯ୍ୟ କରୁଥିଲେ, ତାହା ଉପରେ ଶତ୍ରୁପକ୍ଷ ଆକ୍ରମଣ କରିଥିଲେ । ସେ ଘଟଣାସ୍ଥଳରେ ଦେଶପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ । ମରଣୋତ୍ତର ଭାବେ ୧୯୭୨ ମସିହାରେ ସେକେଣ୍ଡ

ଲେଫ୍ଟନାଣ୍ଟ ଅରୁଣ କ୍ଷେତ୍ରପାଳଙ୍କୁ ପରମବୀର ଚକ୍ର ପ୍ରଦାନ କରାଯାଇଥିଲା । ଦେଶ ତାଙ୍କର ଏହି ମହାନତା ଏବଂ ସର୍ବୋଚ୍ଚ ବଳିଦାନପାଇଁ ସ୍ମରଣ କରୁଛି ।

## କୈଳାସ ମାନସରୋବର ଯାତ୍ରା

ଚଳିତ ବର୍ଷ କୈଳାସ ମାନସରୋବର ଯାତ୍ରା ଲାଗି ମୋଟ ୭୫୦ ଜଣ ଶ୍ରଦ୍ଧାଳୁଙ୍କ ନାମ ଚୂଡ଼ାନ୍ତ ହୋଇଛି। ନୂଆଦିଲ୍ଲୀରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହଙ୍କ ଉପସ୍ଥିତିରେ ଏକ ଅନଲାଇନ୍ କମ୍ପ୍ୟୁଟର ଡ୍ର' ମାଧ୍ୟମରେ ଏହି ଶ୍ରଦ୍ଧାଳୁମାନଙ୍କର ଚୟନ କରାଯାଇଛି। ଚୟନ କରାଯାଇଥିବା ଶ୍ରଦ୍ଧାଳୁମାନଙ୍କୁ ଏ ସମ୍ପର୍କରେ ଏସ୍ଏମ୍ଏସ୍ ଓ ଇମେଲ୍ ମାଧ୍ୟମରେ ଅବଗତ କରାଯାଉଛି। ଏହାଛଡ଼ା ସମ୍ପୃକ୍ତ ଶ୍ରଦ୍ଧାଳୁମାନେ କୈଳାସ ମାନସରୋବର ଯାତ୍ରାର ୱେବସାଇଟ୍‌ରେ ନିଜର ଷ୍ଟାଟସ୍ ଅନୁସନ୍ଧାନ କରିପାରିବେ। ଆସନ୍ତା ମାସ ୩୦ ତାରିଖ ଦିନ ପ୍ରଥମ ପର୍ଯ୍ୟାୟ ଏବଂ ଅଗଷ୍ଟ ୨୫ ତାରିଖ ଦିନ ଶେଷ ପର୍ଯ୍ୟାୟ ଶ୍ରଦ୍ଧାଳୁ ମାନସରୋବର ଅଭିମୁଖେ ଯାତ୍ରା କରିବେ। ପ୍ରତ୍ୟେକ ଦଳ ୫୦ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ଗଠିତ ହୋଇଥିବା ବେଳେ ମୋଟ୍ ୧୫ଟି ପର୍ଯ୍ୟାୟରେ ଚଳିତ ବର୍ଷର ମାନସରୋବର ଯାତ୍ରା ଅନୁଷ୍ଠିତ ହେବ। ଏହି ୧୫ଟି ପର୍ଯ୍ୟାୟରୁ ୫ଟି ଲିପୁଲେଖ ପଥରେ ଏବଂ ୧୦ଟି ନାଥୁଲା ପଥ ଦେଇ ଯାତ୍ରା କରିବେ।

ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ସିଂହ ଚଳିତ ବର୍ଷର କୈଳାସ ମାନସରୋବର ଯାତ୍ରା ଲାଗି ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବ୍ୟାପକ ବନ୍ଦୋବସ୍ତ ଉପରେ ଆଲୋକପାତ କରିଛନ୍ତି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ହୋଇଥିବା ଦୃଷ୍ଟିରୁ ଇଣ୍ଡୋ-ତିବ୍ବତ ସୀମା ପୁଲିସ ଏବଂ ଅନ୍ୟାନ୍ୟ ସୁରକ୍ଷାକର୍ମୀଙ୍କୁ ଏଥିଲାଗି ମୁତୟନ କରାଯାଇଛି ବୋଲି ସେ କହିଛନ୍ତି। ୫ ବର୍ଷର ବ୍ୟବଧାନ ପରେ ଚଳିତ ବର୍ଷ କୈଳାସ ମାନସରୋବର ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଏହା ଅନେକ ଗୁରୁତ୍ୱ ବହନ କରେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜର ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସ ଅଣଷଠି ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ପରାସ୍ତ କରି ଚତୁର୍ଥ ତଥା ନିର୍ଣ୍ଣାୟକ ଟିମ୍ ଭାବେ ପ୍ଲେଅଫ୍‌ରେ ପ୍ରବେଶ କରିଛି । ଏଥିସହିତ ଦିଲ୍ଲୀ କ୍ୟାପିଟାଲ୍‌ସ ଆଇ.ପି.ଏଲ୍.ରୁ ବାଦ୍ ପଡ଼ିଛି । ମୁମ୍ବାଇର ଓ୍ୱାଙ୍ଖେଡ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ଓ୍ୱିକେଟ୍ ବିନିମୟରେ ୧୮୦ ରନ୍ ସ୍କୋର୍ କରିଥିଲା । ସୂର୍ଯ୍ୟ କୁମାର ଯାଦବ ୪୩ଟି ବଲ୍‌ରେ ୭୩ ରନ୍ ସ୍କୋର୍

କରି ଅପରାଜିତ ରହିଥିଲେ । ଏହାର ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୮ ଓଭର ୨ଟି ବଲ୍‌ରେ ୧୨୧ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଆଜି ଗୁଜୁରାଟ ଟାଇଟନ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ମ୍ୟାଚ୍ ଖେଳାଯିବ ।

*****